# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା -୯୭ (ଓଡିଆ ବୁଲେଟିନ୍)　　ସପ୍ତାହ - ୪୯　　ତାରିଖ: ୦୫.୧୨.୨୦୨୩

## ବୌଦ୍ଧ

ଭାରତ ପାଣିପାଗ ବିଜ୍ଞାନ ବିଭାଗ,ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ବର ଅନୁଯାୟୀ ଆସନ୍ତା ସପ୍ତାହରେ ସ୍ବଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି ଏବଂ ଏହି ସମୟ ଅବଧିରେ ଆକାଶ ଆଂଶିକ ରୁ ସାଧାରଣତଃ ମେଘାଛନ୍ନ ରହିପାରେ। ଆସନ୍ତା ୫ ଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୨୮ ରୁ ୩୧ ଡିଗ୍ରୀ ସେଣ୍ଟିଗ୍ରେଡ ଓ ସର୍ବନିମ୍ନ ତାପମାତ୍ରା ୧୫ ରୁ ୧୯ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ରହିବାର ସମ୍ଭାବନା ରହିଅଛି। ଆସନ୍ତା ସପ୍ତାହରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୯୪% ରୁ ୯୭% ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୬୧% ରୁ ୮୧% ମଧ୍ୟରେ ରହିବାର ସମ୍ଭାବନା ରହିଅଛି । ଆସନ୍ତା ୫ ଦିନ ମଧ୍ୟରେ ୪ ରୁ ୧୦ କି.ମି. ପ୍ରତି ଘଣ୍ଟା ବେଗରେ ଉତ୍ତର ପୂର୍ବ, ଦକ୍ଷିଣ ପୂର୍ବ କିମ୍ବା ପୂର୍ବ ଦିଗରୁ ପବନ ବହିବାର ସମ୍ଭାବନା ରହିଅଛି ।

| ତାରିଖ | 06-12-2023 | 07-12-2023 | 08-12-2023 | 09-12-2023 | 10-12-2023 |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 7 | 5 | 3 | 0 | 0 |
| ସର୍ବାଧିକ ତାପମାତ୍ରା (° ସେଣ୍ଟିଗ୍ରେଡ) | 28 | 28 | 30 | 31 | 30 |
| ସର୍ବନିମ୍ନ ତାପମାତ୍ରା (° ସେଣ୍ଟିଗ୍ରେଡ) | 19 | 19 | 17 | 16 | 15 |
| ସମ୍ପୂର୍ଣ ମେଘ ଆବରଣ(ଓକଟା) | 6 | 6 | 5 | 3 | 1 |
| ସର୍ବାଧିକ ଆପେକ୍ଷିକ ଆଦ୍ରତା (ଶତକଡା %) | 96 | 96 | 97 | 97 | 94 |
| ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ଶତକଡା %) | 72 | 79 | 81 | 66 | 61 |
| ପବନ ବେଗ (କିମି/ଘଣ୍ଟା ପ୍ରତି) | 10 | 9 | 7 | 5 | 4 |
| ପବନ ଦିଗ (ଡିଗ୍ରୀ) | 68 | 77 | 90 | 101 | 210 |

ଅଧିକ ଜାଣିବା ପାଇଁ , ଭାରତୀୟ ପାଣିପାଗ ବିଭାଗ , ଭୁବନେଶ୍ୱର, ଟେଲିଫୋନ # ୦୬୭୪-୨୫୯୬୧୧୬ ରେ ଯୋଗାଯୋଗ କରନ୍ତୁ

### ସାଧାରଣ ଉପଦେଶ

- ଆସନ୍ତା ସପ୍ତାହର ପ୍ରଥମ ଦୁଇ ରୁ ତିନି ଦିନ ବର୍ଷା ହେବାର ସମ୍ଭାବନା ରହିଅଛି ତେଣୁ ଚାଷୀ ଭାଇମାନଙ୍କୁ ଧାନ କାଟିବା ଏବଂ ଔଷଧର ପ୍ରୟୋଗ କାର୍ଯ୍ୟ କିଛି ଦିନ ସ୍ଥଗିତ ରଖିବାକୁ ଏବଂ କଟା ହୋଇଥିବା ଧାନ ଏବଂ ଅନ୍ୟ ଫସଲ ଯାହା ବାହାରେ ରଖା ହୋଇଛି ତାକୁ ସୁରକ୍ଷିତ ସ୍ଥାନରେ ରଖିବାର ପ୍ରବନ୍ଧ କରିବାକୁ ପରାମର୍ଶ ଦିଆଯାଇଅଛି । ଆଗକୁ ମେଘୁଆ ପାଗ ଏବଂ ସର୍ବନିମ୍ନ ତାପମାତ୍ରାରେ ହ୍ରାସ ସହିତ ମଧ୍ୟମ ରୁ ଦ୍ରୁତ ଗତିରେ ପବନ ବହିବାର ସମ୍ଭାବନା ଅଛି ଯାହାକି ଆଗକୁ ଥଣ୍ଡା ବଢିବାରେ ସାହାଯ୍ୟ କରିପାରେ ତେଣୁ ପାଣିପାଗର ଏହି ଅବସ୍ଥାକୁ ଦେଖି ଚାଷୀ ଭାଇମାନଙ୍କୁ ନିଜ ଫସଲ ତଥା ପଶୁମାନଙ୍କୁ ଅଧିକ ଥଣ୍ଡାର ପ୍ରକୋପରୁ ରକ୍ଷା କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଅଛି ।
- କୃଷକ ଭାଇମାନେ ପାଣିପାଗ ପୂର୍ବାନୁମାନ ଏବଂ ପାଣିପାଗ ଭିତ୍ତିକ କୃଷି ପରାମର୍ଶ ପାଇଁ ମେଘଦୂତ ମୋବାଇଲ ଆପ ଓ ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ କୁ ଅନୁସରଣ କରନ୍ତୁ ।

### ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଧାନ | ଧାନ କାଟିବା ଅବସ୍ଥା | ପରିପକ୍ବ ଅବସ୍ଥାରେ ଥିବା ଫସଲ ଯାହାର ୮୫ ପ୍ରତିଶତ କିମ୍ବା ଅଧିକ କେଣ୍ଡାରେ ଥିବା ଦାନା ପରିପକ୍ବ ହୋଇଯାଇଛି ସେଥିରେ ଧାନ କାଟିବା କାର୍ଯ୍ୟ କିଛି ଦିନ ସ୍ଥଗିତ ରଖିବାକୁ ଏବଂ କଟା ହୋଇଥିବା ଫସଲକୁ ସୁରକ୍ଷିତ ଜାଗାରେ ରଖିବାର ବ୍ୟବସ୍ଥା କରିବାକୁ ଚାଷୀ ଭାଇମାନଙ୍କୁ ପରାମର୍ଶ ଦିଆଯାଇଅଛି କାରଣ ଏହି ସପ୍ତାହର ପ୍ରଥମ ଦୁଇ ରୁ ତିନି ଦିନ ମଧ୍ୟରେ କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଅଛି । |
| ପନିପରିବା (ବାଇଗଣ, ଲଂକା | ନୂଆଁ ଗଛ ଲଗେଇବା / ବନସ୍ପତି ବିକାସ | ଆଗକୁ ତାପମାତ୍ରାରେ ହ୍ରାସ ଦେଖିବାକୁ ମିଳିପାରେ ଯାହାକି ଶୀତଦିନିଆ ଫସଲ ପାଇଁ ଅନୁକୁଳ ଅଟେ ତେଣୁ ଯେଉଁ ଚାଷୀ ଭାଇମାନେ ଏପର୍ଯ୍ୟନ୍ତ କୋବି ଜାତୀୟ ଫସଲର ଚାଷ ଆରମ୍ଭ କରିନାହାନ୍ତି ସେମାନେ ବର୍ଷା ଛାଡ଼ିଲା ପାରେ ତାରା |

| ଏବଂ କୋବି ଜାତୀୟ ପରିବା) | | ଲଗେଇବା କାର୍ଯ୍ୟ ଆରମ୍ଭ କରିବାକୁ ପରାମର୍ଶ ଦିଆଯାଉଛି । ପନିପରିବା ଗଛକୁ ଅଧିକ ଥଣ୍ଡାରୁ ରକ୍ଷା କରିବା ପାଇଁ ଗଛ ଲଗେଇବା ସମୟରେ ପଲିଥିନ୍ ଆବରଣର କିମ୍ବା ଯଦି ଗଛ ଲଗାଇ ସାରିଛନ୍ତି ତାହାହେଲେ ଗଛ ତଳେ ପୁଆଲକୁ ମଧ୍ୟ ଆବରଣ ଭାବରେ ପ୍ରୟୋଗ କରିପାରିବେ କାରଣ ଏହା ଦ୍ବାରା ମାଟିର ଆର୍ଦ୍ରତା ଏବଂ ମାଟିର ତାପମାତ୍ରା ନିୟନ୍ତ୍ରିତ ରହିଥାଏ। ଆଗକୁ ଦୁଇ ତିନି ଦିନ ମଧ୍ୟରେ ବର୍ଷା ହେବାର ସମ୍ଭାବନାକୁ ଦେଖି ଜଳସେଚନ ତଥା ଔଷଧର ପ୍ରୟୋଗ କାର୍ଯ୍ୟକୁ କିଛି ଦିନ ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଅଛି । |
|---|---|---|
| ପଶୁପାଳନ | ଆସନ୍ତା ଦିନଗୁଡାକରେ ମେଘୁଆ ପାଗ ସହିତ ମଧ୍ୟମ ରୁ ଦ୍ରୁତ ଗତିରେ ପବନ ବହିବା ଏବଂ ତାପମାତ୍ରା ହ୍ରାସ ପାଇବାର ସମ୍ଭାବନା ଦେଖାଯାଇପାରେ ତେଣୁ ପଶୁମାନଙ୍କୁ ପର୍ଯ୍ୟାପ୍ତ ତାଜା ପରିଷ୍କାର ପାଣି ଯୋଗାଇବା ତଥା ବର୍ଷା ଜଳ ଗୁହାଳକୁ ନ ପଶିବା ଏବଂ ସେମାନଙ୍କୁ ଥଣ୍ଡାରୁ ରକ୍ଷା କରିବା ପାଇଁ ଉଚିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଛି। ଗୁହାଳକୁ ସଫା ଏବଂ ଶୁଖିଲା ରଖନ୍ତୁ ଯାହାଦ୍ୱାରା ପଶୁମାନେ ରୋଗ ଓ ପୋକ ଜୋକ ରୁ ସୁରକ୍ଷିତ ରହିବେ। ପଶୁମାନଙ୍କୁ ମୁହଁ ଓ ଖୁରା ରୋଗ ଏବଂ ସାହାଣ ରୋଗରୁ ବଞ୍ଚାଇବା ପାଇଁ ପ୍ରତି ୬ ମାସରେ ସେମାନଙ୍କର ଟୀକାକରଣ ନିଶ୍ଚୟ କରାନ୍ତୁ । | |


---


| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR & Nodal Officer**<br>**RRTTS, Chiplima** |
|---|---|


---

କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।

**ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ଉଭୟ ଇଂରାଜୀ ଏବଂ ଓଡ଼ିଆ ଭାଷାରେ ମେଘଦୂତ ମୋବାଇଲ ଆପ ରେ ଉପଲବ୍ଧ ଅଛି ଏବଂ ତଳେ ଦିଆଯାଇଥିବା ଲିଙ୍କ ରେ ଏହି ଆପଟିକୁ ଡାଉନଲୋଡ କରିପାରିବେ।**



(https://play.gooogle.com/store/apps/details?id=com.aas.meghdoot)

**କୃଷକ ଭାଇମାନେ ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ କୁ ଅନୁସରଣ କରନ୍ତୁ ଏବଂ ତଳେ ଦିଆଯାଇଥିବା ଲିଙ୍କ ରେ ଏହି ଆପଟିକୁ ଡାଉନଲୋଡ କରିପାରିବେ।**



(https://play.google.com/store/apps/details?id=com.lightening.live.damini)